# ODM PUBLIC SCHOOL

SESSION : 1

CLASS : V

SUBJECT : ଓଡ଼ିଆ

CHAPTER NUMBER:08

CHAPTER NAME: ଦୁଃଖୀଧନ ନୀଳମଣିରେ

SUBTOPIC : ଉପକ୍ରମ,କବିତାଆବୃତ୍ତି,କବିପରିଚୟ

# LEARNING OBJECTIVE

କବିତା ଆବୃତ୍ତି ମାଧ୍ୟମରେ ଲବ୍ଧଜ୍ଞାନ ।


mwallpapers.com

# ଦୁଃଖୀଧନ ନୀଳମଣିରେ

ବୈଷ୍ଣବ ପାଣି

ଦୁଃଖୀଧନ ନୀଳମଣିରେ
ମାଆ ବୋଲି କିଏ ଡାକିବ ମୋତେ,
ଗୋରୁ ଘେନି ଫେରି ଆସିଲାବେଳକୁ
କାହା ପାଇଁ ଜଗି ବସିବି ପଥେ ?

ଯେବେ ବିକା ଆସିବ କୋଳି
କାନ୍ଦି କିଏ କରିବ ଅଳି,
ଚଳି ହେଉଥିଲେ ଧୂଳି ବୋଲି ହୋଇ
ଦୋଳି କେ ଖେଳିବ କାନି ପଣତେ ?

ଯେବେ ଦହି ମୁହାଁ ହୋଇବ
କିଏ ସେ ଲବଣି ଖାଇବ,
ହୋଇଣ ଆନନ୍ଦ ଗାଈ ଦୁହିଁବାକୁ
ଶିକା ଛନ୍ଦ ଘେନି କେ ଯିବ ହାତେ ?



ଖେଳି ଯାଇଥିଲେ ଦାଣ୍ଡରେ
ଧୂଳି ପଡ଼ିଥାଇ ମୁଣ୍ଡରେ,
କଳି କଲେ କେହି 'ମାଆ ମାଆ' କହି
କଇଁ କଇଁ ହୋଇ କାନ୍ଦିବୁ କେତେ ?

ଯେବେ ଯିବୁ ମଧୁପୁରକୁ
ଅନାଇବି କାହା ମୁଖକୁ ?
କହେ ବଇଷ୍ଣବ ନିଶ୍ଚେ ଜୀବ ଯିବ
ମୁରୁଛିବି ଗଳା ମାଳି କେମନ୍ତେ ?



# କବି ପରିଚୟ

ODM EDUCATIONAL GROUP
Changing your Tomorrow

ଓଡ଼ିଆ ଭାଷାସାହିତ୍ୟ ଜଗତରେ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିଭା ଅବିସ୍ମରଣୀୟ ।ସେ ୧୮୮୨ ମସିହା କୁମାର ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଲୀଳା ନାଟ୍ୟକାର ଭାବରେ ଓଡ଼ିଶାର ପୁରପଲ୍ଲୀରେ ବେଶ୍ ପରିଚିତ । ତାଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ 'ମେଘନାଦବଧ'
'ରଙ୍ଗସଭା''ନଳଦମୟନ୍ତୀ''ମହୀରାବଣବଧ''ରାବଣବଧ''ସୀତାବନବାସ''ଅଭିମନ୍ୟୁବଧ'
'କର୍ଣ୍ଣବଧ' ଆଦି ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ କରିଛି ସରସ,ସୁନ୍ଦର,ମଧୁମୟ,ଓ ସୁଧାମୟ । ସେ ଗଣକବି ଭାବରେ ସମଗ୍ର ଓଡ଼ିଶାରେ ବେଶ୍ ଜଣାଶୁଣା ।

ODM
EDUCATIONAL GROUP
Changing your Tomorrow

# ଗୃହକର୍ମ

କବିତାଟିକୁ ଘରେ ଭଲଭାବରେ ପଢ ଓ ମନେ ରଖ ।

# LEARNING OUTCOME:

ଆବୃତ୍ତି ମାଧ୍ୟମରେ ଜ୍ଞାନ ହାସଲ କରିବା ।

# THANKING YOU

# ODM EDUCATIONAL GROUP